ମହିଳା ଚାଷୀ(Women Farmer)ମାନଙ୍କ ପାଇଁ ତାଲିମ

ଶ୍ରୀ ପ୍ରଣାଳୀ ଧାନଚାଷ :ଉଦ୍ଭିଦ ସୁରକ୍ଷା ଓ ଫସଲ ପରିଚାଳନା

(TOT on Plant Protection & Intercultural Operation on SRI)

Project:
Empowering Women Farmers in Kalahandi, Malkangiri & Khordha Districts of Odisha

ପ୍ରସ୍ତୁତି ଓ କାର୍ଯ୍ୟକାରୀ ସଂସ୍ଥା:

ମାଧମ ଫାଉଣ୍ଡେସନ୍, ଭୁବନେଶ୍ୱର, ଓଡ଼ିଶା

ସହାୟତା:

ଜାତୀୟ ଗ୍ରାମୀଣ ଜୀବିକା ମିଶନ (NRLM) ଓ ଓଡ଼ିଶା ଜୀବିକା ମିଶନ (OLM)

ଭାରତ ସରକାର ଓ ଓଡ଼ିଶା ସରକାର

ମୁଖବନ୍ଧ

ମାଧମ ଫାଉଣ୍ଡେସନ, ଭୁବନେଶ୍ୱର, ବିଗତ ଏକ ଦଶନ୍ଧିରୁ ଓଡିଶାର ବିଭିନ୍ନ ଅନଗ୍ରସର ଜିଲ୍ଲାରେ ବସବାସ କରୁଥିବା ଆର୍ଥିକ ଭାବେ ଅନୁନ୍ନତ ଆଦିବାସୀ ଓ ଅନୁସୂଚୀତ ଜନଜାତି ମାନଙ୍କ ଆର୍ଥିକ ତଥା ସାମାଜିକ ମାନଦଣ୍ଡର ଅଭିବୃଦ୍ଧି ପାଇଁ କାର୍ଯ୍ୟ କରି ଆସୁଅଛି । ସମ୍ପ୍ରତି ଭାରତ ସରକାରଙ୍କର ମହିଳା କିଷାନ ସଶକ୍ତିକରଣ (MKSP) ପରିଯୋଜନାରେ ୨୦୧୩ ମସିହା ଜୁଲାଇ ମାସ ଠାରୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ (NRLM), ଓଡିଶା ଜୀବିକା ମିଶନ (OLM) ସହାୟତା ତଥା ମାଧମ ଫାଉଣ୍ଡେସନ, ଭୁବନେଶ୍ୱର ଆନୁକୁଲ୍ୟରେ ଓଡିଶାରେ ମାଲକାନଗିରି, କଳାହାଣ୍ଡି ତଥା ଖୋର୍ଦ୍ଧା ଜିଲ୍ଲାର ୧୦ଟି ସ୍ୱେଚ୍ଛାସେବୀ ସଂସ୍ଥାର ଇ ଇଛୁକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ନେଇ ପରିବା ଚାଷ ଓ 'ଶ୍ରୀ' ପ୍ରଣାଳୀରେ ଧାନ ଚାଷ ମାଧମରେ ସେମାନଙ୍କର ଖାଦ୍ୟ ନିରାପତ୍ତା ତଥା ଆର୍ଥିକ ମାନଦଣ୍ଡର ଉନ୍ନତି ନିମନ୍ତେ ଉତ୍ପାଦନକାରୀ ଗୋଷ୍ଠୀ ଓ ସମବାୟମାନ ଗଠନ କରାଯାଉଛି ।

ଏହି **"ଶ୍ରୀ ପ୍ରଣାଳୀ ଧାନ ଚାଷ : ଉଦ୍ଭିଦ ସୁରକ୍ଷା ଓ ଫସଲ ପରିଚାଳନା"** ସମ୍ବନ୍ଧୀୟ ତାଲିମ ପୁସ୍ତିକା ମହିଳା ପରିବା ଉତ୍ପାଦନକାରୀଙ୍କ ଦୀର୍ଘସ୍ଥାୟୀ ସଶକ୍ତିକରଣ (MKSP) ନିମନ୍ତେ ଉଦ୍ଦିଷ୍ଟ । ଏହା ଜାତୀୟ ଗ୍ରାମୀଣ ଜୀବିକା ମିଶନ (NRLM), ଓଡିଶା ଜୀବିକା ମିଶନ (OLM), ଭାରତ ସରକାର ଏବଂ ଓଡିଶା ସରକାର ଓ ମାଧମ ଫାଉଣ୍ଡେସନର ଦୀର୍ଘ ମିଆଦୀ ପ୍ରତିଶୃତିର ଅଂଶ ବିଶେଷ ଅଟେ । ଏହି ତାଲିମ ପୁସ୍ତିକାଟି ମହିଳା ଚାଷୀମାନଙ୍କ (Women Farmer) **ଶ୍ରୀ ପଦ୍ଧତିରେ ଧାନ ଚାଷ, ଉଦ୍ଭିଦ ସୁରକ୍ଷା ଓ ଫସଲ ପରିଚାଳନା** ସମ୍ବନ୍ଧୀୟ ବିଶେଷ ଜ୍ଞାନ ଓ କୌଶଳ ବୃଦ୍ଧି କରିବାରେ ସାହାଯ୍ୟ କରିବ ।

ଆଶାକରୁ, ଏହି ପୁସ୍ତିକାଟି ମହିଳା ଚାଷୀମାନଙ୍କୁ କ୍ଷେତ୍ର ଉପରେ ଉପଯୁକ୍ତ ଜ୍ଞାନ କୌଶଳ ଯୋଗାଇବା ପାଇଁ ସାହାଯ୍ୟ କରିବା ସଙ୍ଗେସଙ୍ଗେ ଅଗଣିତ ପରିବା/ଧାନ ଚାଷୀଙ୍କର ମଙ୍ଗଳ ନିମନ୍ତେ ଅତ୍ୟନ୍ତ ସହାୟକ ହେବ।

ତାଲିମ ମୋଡ୍ୟୁଲର ଉପକ୍ରମଣିକା:

ଏହି **"ଶ୍ରୀ ପ୍ରଣାଳୀ ଧାନ: ଉଦ୍ଭିଦ ସୁରକ୍ଷା ଓ ଫସଲ ପରିଚାଳନା"** ତାଲିମ ପୁସ୍ତିକାଟିରେ ୫ ଗୋଟି ବିଷୟ ରହିଛି ଯଥା;

୧. ଶ୍ରୀ ପ୍ରଣାଳୀ ଧାନ କଣ? ଶ୍ରୀ ପ୍ରଣାଳୀ ଧାନର ନୀତିସମୂହ, ବୈଜ୍ଞାନିକ ଯୁକ୍ତିଯୁକ୍ତତା, ବିହନ ଚୟନ, ଭୂମି ଚୟନ, ବିହନକୁ କାର୍ଯ୍ୟଶୀଳ କରିବା ନିମନ୍ତେ ପ୍ରସ୍ତୁତ କରିବା,

୨. ଭୂମି ପ୍ରସ୍ତୁତି, ସବୁଜ ଖତ ବ୍ୟବହାର, ତଳି (ଚାରା) ତିଆରି କରିବା, ତଳି ରୋପଣ, ଅନ୍ତଃ-ଫସଲ, ବାଲୁଙ୍ଗା ପରିଚାଳନା ଓ ବାଲୁଙ୍ଗା ସଫା କରିବା, ଫସଲ ସୁରକ୍ଷା, ଅମଳ ଅଟକଳ କରିବା/ଜଳ ପରିଚାଳନା ଧାର୍ଯ୍ୟ କରିବା,

୩. ଶ୍ରୀ ପ୍ରଣାଳୀ ଧାନକୁ ଅନ୍ୟାନ୍ୟ ଫସଲରେ ଲାଗୁ କରାଇବା;

୪. ଜୀବାମୃତ ଓ ହାଣ୍ଡିଖତ ପ୍ରସ୍ତୁତି ଓ ଫସଲରେ ପ୍ରୟୋଗ କରିବା ଓ

୫. ଅନ୍ୟାନ୍ୟ ଦୀର୍ଘସ୍ଥାୟୀ କୃଷି ଅଭ୍ୟାସସମୂହ ।

ଏହାଦ୍ୱାରା ସିଆରପିମାନେ ଶ୍ରୀ ପଦ୍ଧତିରେ ଉଦ୍ଭିଦ ସୁରକ୍ଷା ଓ ଫସଲ ପରିଚାଳନା ସମ୍ବନ୍ଧୀୟ ଜ୍ଞାନକୌଶଳ ବୃଦ୍ଧି କରିପାରିବେ।

ତାଲିମ ଅଧିବେଶନ ପାଇଁ ପ୍ରସ୍ତୁତି:

ଏହି ପୁସ୍ତିକାରେ ସ୍ଥାନୀତ **"ଶ୍ରୀ ପ୍ରଣାଳୀ ଧାନ: ଉଦ୍ଭିଦ ସୁରକ୍ଷା ଓ ଫସଲ ପରିଚାଳନା"** ସମ୍ବନ୍ଧୀୟ ମୌଳିକ ଜ୍ଞାନ ଓ କୌଶଳ ମୋଡ୍ୟୁଲକୁ ତାଲିମଦାତାମାନେ ସହଜରେ ପରିଚାଳନା କରିପାରିବେ । ତାଲିମଦାତାଙ୍କ ଅବଶ୍ୟକତାକୁ ମେଣ୍ଟାଇବା ପାଇଁ ସୋପାନ ପରେ ସୋପାନ ମାଧ୍ୟମରେ ସେସବୁକୁ ଏକ ନିର୍ଦ୍ଦିଷ୍ଟ କ୍ରମରେ ସଜାଇ ରଖାଯାଇଛି । ଏକ ବିଷୟ ମଧ୍ୟରେ ଦିଆଯାଇଥିବା କ୍ରମକୁ ଅନୁକରଣ କରିବାକୁ ଅନୁମୋଦନ କରାଯାଇଛି । ତାଲିମଦାତାଙ୍କ ନିମନ୍ତେ ଉଦ୍ଦିଷ୍ଟ ଲେଖାକୁ ପଢିବା ଆବଶ୍ୟକ ଅଟେ । ତାଲିମ ପୂର୍ବରୁ ଶିକ୍ଷା ଉପକରଣ ସବୁ ଯୋଗାଡ କରି ରଖିବା ଦରକାର । ତାଲିମ ପୁସ୍ତିକାଟିକୁ ଅନୁସରଣ କରିବା ସମୟରେ, ଥରେ ତୁମେ ଅଧିବେଶନ ବା ବିଷୟବସ୍ତୁର ମୌଳିକ ଉପାଦାନଗୁଡିକ ବୁଝିସାରିବା ପରେ, ତୁମର ତାଲିମାର୍ଥୀଙ୍କ ଆବଶ୍ୟକତା ଅନୁସାରେ ତୁମେ ତୁମ ଅନୁଭୂତିରୁ ଅଧିକ ତଥ୍ୟ ଯୋଡିପାର ।

ଯେତେବେଳେ ତାଲିମ ଚାଲିଥିବ:

ତାଲିମଦାତା ଭାବେ, ତାଲିମ ଦିନଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିବସ ଅଟେ କାରଣ ଏଇଥି ପାଇଁ ତୁମେ ଏତେସବୁ ପ୍ରସ୍ତୁତି କରୁଥିଲ । ତୁମ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ କଥା ନିମ୍ନରେ ଦିଆଯାଇଛି:

- ତାଲିମ ପ୍ରକୋଷ୍ଠରେ ପହଞ୍ଚି ପହଞ୍ଚି ତାଲିମାର୍ଥୀଙ୍କ ସହ କଥା ହୁଅ । ଏହା ତୁମ ପାଇଁ ସହଜ ପରିବେଶ ସୃଷ୍ଟି କରିବ।
- ତାଲିମ ପରିଚାଳନା ସମୟରେ ଶକ୍ତିସମ୍ପର୍ଣ୍ଣ ଓ ଉତ୍ସାହୀ ରୁହ ଯାହା ଦଳର ଶକ୍ତି ଓ ଉତ୍ସାହ ସ୍ତରକୁ ପ୍ରଭାବିତ କରିବ ।
- ସର୍ବଦା ନିଶ୍ଚିତ କରନ୍ତୁ ଯେ, ଅଧିବେଶନ ଠିକ ସମୟରେ ଆରମ୍ଭ ହୋଇ ନିର୍ଦ୍ଧାରିତ ସୀମାରେ ଶେଷ ହେଉଛି ।
- ତାଲିମାର୍ଥୀଙ୍କୁ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଖୋଲାମୁଖୀ ପ୍ରଶ୍ନ କରି ଉତ୍ସାହିତ କରନ୍ତୁ । ନିଶ୍ଚିତ କର ଯେ, ତୁମ ତୁଳନାରେ ତାଲିମାର୍ଥୀମାନେ ଅଧିକ କହୁଛନ୍ତି ।

ଅଧିବେଶନ ପରିସମାପ୍ତି:

- ତାଲିମାର୍ଥୀଙ୍କ ସହ '**ଘର କାମ**' ବିଷୟରେ ଆଲୋଚନା କରନ୍ତୁ ।
- ତୁମ ତାଲିମାର୍ଥୀଙ୍କୁ ଧନ୍ୟବାଦ ଦେବ ଓ ତାଲିମାର୍ଥୀଙ୍କୁ ଅଧିବେଶନଟି କିପରି ଲାଗିଲା ପଚାରିପାର ।

ମୋଡ୍ୟୁଲର ମୂଲ୍ୟାୟନ ଓ ମୂଲ୍ୟାଙ୍କନ:

- ଏହି ତାଲିମରେ ଅଂଶଗ୍ରହଣ କଲାପରେ, ତାଙ୍କର ଥିବା ଜ୍ଞାନ ଓ କୌଶଳରେ କିଛି ପରିବର୍ତ୍ତନ ବା ବୃଦ୍ଧି ଘଟିଛି କି ?
- ଶ୍ରୀ ପ୍ରଣାଳୀ ଧାନ ଚାଷରେ ସମନ୍ୱିତ ରୋଗପୋକ ପରିଚାଳନା ନୀତି କଥା ବୁଝି ପାରିଲେ କି?
- ଶିଖିଥିବା ଜ୍ଞାନକୌଶଳକୁ ତାଙ୍କର ଶ୍ରୀ ପ୍ରଣାଳୀରେ ଧାନ ଚାଷରେ କିପରି ଲଗାଇବେ?

୧. ସାମାଜିକ ପ୍ରାସଙ୍ଗିକତା:

ସାଧାରଣତଃ ଚାଷୀମାନେ ଚିରାଚରିତ ପଦ୍ଧତିରେ ଫସଲ ସୁରକ୍ଷା କରିବା ସହ ଫସଲ ପରିଚାଳନା କରିଥାନ୍ତି । କୌଣସି କାରଣରୁ ଫସଲରେ ରୋଗ ହେଲେ ଦେଶୀ ଉପଚାର କରିଥାନ୍ତି । ଦିନକୁ ଦିନ ଫସଲକୁ ନୂଆ ନୂଆ ରୋଗ ହେଉଛି ଓ ପୋକ ଆକ୍ରମଣ କରୁଛି । ଅଧିକ ଅମଳ ପାଇଁ ସମୟ ସହିତ ଫସଲ ଚାଷ ଓ ପରିଚାଳନାରେ ଅନେକ ପରିବର୍ତ୍ତନ ଆସିଛି ଓ ଏହି ଜ୍ଞାନ ଓ କୌଶଳର ଉପଯୋଗ କରିବା ଆବଶ୍ୟକ । ଆଜିକାଲି ଚାଷୀମାନେ ବୈଜ୍ଞାନିକ ପଦ୍ଧତିରେ ଫସଲ ପରିଚାଳନା କରିବା ସହ ରୋଗ ନିୟନ୍ତ୍ରଣ ଇତ୍ୟାଦି ସମ୍ବନ୍ଧୀୟ ମୌଳିକ ଜ୍ଞାନ ଓ କୌଶଳ ବିଷୟରେ ବୁଝିବା ନିହାତି ଆବଶ୍ୟକ ହୋଇପଡିଛି ।

୨. ତାଲିମଦାତା:	ତାଲିମ ପ୍ରାପ୍ତ ଗୋଷ୍ଠି ପରାମର୍ଶ ଦାତା
୩. ତାଲିମାର୍ଥୀଙ୍କ ସମ୍ପର୍କରେ:	ପ୍ରକଳ୍ପ ଅଞ୍ଚଳର ସାଧାରଣ ମହିଳା ଚାଷୀମାନେ
୪. ଉଦ୍ଦେଶ:	**ତାଲିମ ଶେଷରେ ଶିକ୍ଷାର୍ଥୀମାନେ** ୧. ତାଙ୍କର ମୁଖ୍ୟ ଫସଲରେ ଲାଗୁଥିବା ପୋକଜୋକକୁ ଚିହ୍ନି ପାରିବ ଦକ୍ଷତା ବଢାଇଥିବେ, ୨. ସମନ୍ୱିତ ରୋଗପୋକ ପରିଚାଳନା ନୀତି ପ୍ରୟୋଗକରି ଉପଯୁକ୍ତ ଓ ସ୍ୱଳ୍ପ ଖର୍ଚ୍ଚରେ ସମନ୍ୱିତ ରୋଗପୋକ ପରିଚାଳନା କୌଶଳସବୁ ସମ୍ବନ୍ଧୀୟ ବୁଝାମଣା ବଢାଇଥିବେ ୩. କୌଶଳସବୁକୁ ଅଧିକ ଶାଣିତ କରିବା ଓ ତାଙ୍କ ଫସଲରେ ଦେଖାଯାଉଥିବା ସମସ୍ୟାସବୁର ସମାଧାନ କରିପାରିବେ ।
୫ . ଅବଧି:	ଦୁଇ ଦିନ
୬. ଆବଶ୍ୟକ ତାଲିମ ଉପକରଣ:	କଳା/ଧଳା ପଟା, ଚକ ଖଡି, ମାର୍କର କଲମ,ଏ-୪ ଆକାରର ଧଳା କାଗଜ ଏବଂ ତାଲିମାର୍ଥୀଙ୍କ ପାଇଁ ରଙ୍ଗୀନ ସ୍କେଚ କଲମ, ପୋଷ୍ଟର ଓ ଦୃଶ୍ୟଶ୍ରାବ୍ୟ

୭. କାର୍ଯ୍ୟକଳାପ: ଦିବସ -୧

କାର୍ଯ୍ୟକଳାପ	ସମୟ	ପଦ୍ଧତି
ପଞ୍ଜୀକରଣ	୯.୩୦	ପଞ୍ଜୀକରଣ ଖାତାରେ ଲେଖିବେ
ସ୍ୱାଗତମ, ପରିଚୟ ପ୍ରଦାନ, ତାଲିମ ଆଭିମୁଖ୍ୟ ଆଲୋଚନା	୧୦.୦୦	ମୌଖିକ ଯୋଗାଯୋଗ, ଲିଖିତଚାର୍ଟ
ଫସଲ ଉତ୍ପାଦନଗୁଡିକର SCI ଓ SRI ଦିଗଗୁଡିକ ଆଲୋଚନା କରିବା	୧୦.୩୦	ଭାଷଣ, ଆଲୋଚନା
ଚା'ପାନ ବିରତି	୧୧.୦୦ – ୧୧.୧୫	
ଶ୍ରୀ ଧାନ ପ୍ରଣାଳୀର ସବୁ ବ୍ୟବସ୍ଥା (P.O.P) ସମ୍ବନ୍ଧରେ ଆଲୋଚନା (ଭୂମି ପ୍ରସ୍ତୁତି, ସବୁଜ ଖତ ପ୍ରୟୋଗ କରିବା, ଧାନ ତଳି ପକାଇବା, ତଳି ରୋପଣ, ଅନ୍ତଃ-ଫସଲ, ବାଲୁଙ୍ଗା ପରିଚାଳନା, ବାଲୁଙ୍ଗା ସଫା କରିବା, ଫସଲ ସୁରକ୍ଷା / ଫସଲ ନିର୍ଦ୍ଧାରଣ କରିବା, ଜଳ ପରିଚାଳନା, ଅମଳ ଆକଳନ ଇତ୍ୟାଦି)	୧୧ .୧୫	ଭାଷଣ, ପିପିଟି ଓ ଦୃଶ୍ୟଶ୍ରାବ
ଧାନରେ କୀଟ, ପତଙ୍ଗ ଓ ପୋକସବୁ ଓ ଧାନର ଖାଦ୍ୟସାର ଜନିତ ଅଭାବୀ ଲକ୍ଷଣସବୁ	୧୨.୦୦	ଭାଷଣ, ପିପିଟି ଓ ଦୃଶ୍ୟଶ୍ରାବ
ଜୈବିକ ଖତ ଓ ପୋକ ଦମନକାରକ ପ୍ରସ୍ତୁତିରେ ଦେଶୀ ଦ୍ରବ୍ୟସବୁର ବ୍ୟବହାର	୧୨.୪୫	ଉପସ୍ଥାପନା ଓ ଆଲୋଚନା
ମଧ୍ୟାହ୍ନ ଭୋଜନ	୧୩.୩୦ – ୧୪.୧୫	
ହାଣ୍ଡିଖତ – କିପରି ପ୍ରସ୍ତୁତ କରିବେ, କେତେବେଳେ ବ୍ୟବହାର କରିବେ ଓ କେତେ ପରମାଣ ବ୍ୟବହାର	୧୪.୧୫	ଉପସ୍ଥାପନା, ଆଲୋଚନା ଓ ହାଣ୍ଡିଖତ ପ୍ରସ୍ତୁତି ପ୍ରକ୍ରିୟା ପ୍ରଦର୍ଶନ
ଜୀବାମୃତ – ଏହାକୁ କିପରି ପ୍ରସ୍ତୁତ କରିବେ, କେତେବେଳେ ବ୍ୟବହାର କରିବେ ଓ କେତେ ପରମାଣ ବ୍ୟବହାର କରିବେ	୧୫.୦୦	ଉପସ୍ଥାପନା, ଆଲୋଚନା ଓ ଜୀବାମୃତ ପ୍ରସ୍ତୁତି ପ୍ରକ୍ରିୟା ପ୍ରଦର୍ଶନ
ଅନ୍ୟାନ୍ୟ ଦୀର୍ଘସ୍ଥାୟୀ କୃଷି ଅଭ୍ୟାସସମୂହ	୧୫.୪୫	ଉପସ୍ଥାପନା, ଆଲୋଚନା ଓ ପ୍ରଦର୍ଶନ
ସମୀକ୍ଷା ଓ ବିଦାୟୀ ଉତ୍ସବ	୧୬.୩୦	ମୌଖିକ ଓ ଲିଖିତ ସମୀକ୍ଷା

୮. ତାଲିମଦାତାଙ୍କ ନିମନ୍ତେ:

ଅଧିବେଶନ ବିଷୟବସ୍ତୁ	ସଂପୂର୍ଣ୍ଣ ବିଷୟବସ୍ତୁ
ଆଭିମୁଖ୍ୟ ଆଲୋଚନା	ତାଲିମଦାତା ଆଗରୁ କାର୍ଡ ବୋର୍ଡରେ ଲେଖିଥିବା ତାଲିମର ଆଭିମୁଖ୍ୟକୁ ଆଲୋଚନା କରିବେ ଓ ଆବଶ୍ୟକ ସ୍ପଷ୍ଟୀକରଣ ଦେବେ
ଶ୍ରୀ ପ୍ରଣାଳୀ ଧାନ କଣ? ଶ୍ରୀ ପ୍ରଣାଳୀ ଧାନର ନୀତିସମୂହ, ବୈଜ୍ଞାନିକ ଯୁକ୍ତିଯୁକ୍ତତା, ବୀଜ ବା ବିହନ ଚୟନ, ଭୂମି ଚୟନ, ବିହନକୁ କାର୍ଯ୍ୟଶୀଳ କରିବା ନିମନ୍ତେ ପ୍ରସ୍ତୁତ କରିବା	**ସଂକ୍ଷେପରେ ଶ୍ରୀ ପଦ୍ଧତି -** ଶ୍ରୀ ପ୍ରଣାଳୀ ଧାନ ଚାଷ ପାରମ୍ପରିକ ଧାନ ଚାଷଠାରୁ ଟିକେ ଭିନ୍ନ । "ଶ୍ରୀ" ବା SRI ଏକ ଇଂରାଜୀ ସଂକ୍ଷିପ୍ତ ଶବ୍ଦ ଯାହାକି System of Rice Intensification । ଆମେ ଓଡ଼ିଆରେ ଏହାକୁ ଶ୍ରୀ କହୁ । ଏହି ଓଡ଼ିଆରେ ଏହାକୁ ଶ୍ରୀ କହୁ । ଏହି ପ୍ରଣାଳୀଟି ୧୯୮୦ ମସିହାରେ ଆଫ୍ରିକା ମହାଦେଶ ର ମାଡାଗାସ୍କରଠାରେ ଜଣେ ପାଦ୍ରୀ ଫାଦର ହେନ୍‌ରି ହି ଲୋଭାନୀ ଆରମ୍ଭ କରିଥିଲେ । ୧୯୯୭ ମସିହାରୁ ଏହି ପ୍ରଣାଳୀଟି ଭାରତ ସମେତ ପୃଥିବୀର ପ୍ରାୟ ୪୦ଟି ଦେଶରେ ବହୁଳ ଭାବେ ଚାଷ କରାଯାଉଛି । ଏହି ପ୍ରଣାଳୀଟି କମ୍ ଖର୍ଚ୍ଚରେ ଅଧିକ ଅମଳ ଦେଇପାରୁଥିବାରୁ ଚାଷୀଙ୍କ ପାଖରେ ଆଦୃତ । "ଶ୍ରୀ" ପଦ୍ଧତିରେ ଅଳ୍ପ ବିହନ, ସ୍ୱଳ୍ପପାଣି ଓ ଜୈବିକ ସାର ଆବଶ୍ୟକ କରିଥାଏ । ଏହି ପ୍ରଣାଳୀରେ ଧାନ ଉତ୍ପାଦନ ୧.୫ରୁ ୨ ଗୁଣ ଅଧିକ ହେବାର ଦେଖାଯାଇଛି । ଜଳସେଚନ ଓ ଜଳ ପରିଚାଳନା ସୁବିଧା ଥିବା ଜମିରେ ଏହି ଚାଷ ପ୍ରଣାଳୀ ଅବଲମ୍ବନ କରାଯାଇପାରିବ । ବର୍ଷାପୁଷ୍ଟ ଜମିରେ ମଧ୍ୟ ଶ୍ରୀ ପଦ୍ଧତିରେ ଚାଷ କରାଯାଇପାରିବ । ଏହି ପଦ୍ଧତିରେ ଚାଷ କରାଯାଉଥିବା ଧାନ ବୁଦାରେ ଅଧିକ ସଂଖ୍ୟକ ଚେର ଥାଏ । ଏଥିରେ ଅଧିକ ସଂଖ୍ୟକ ପିଲଥାଇ ଧାନ କେଣ୍ଡାଗୁଡ଼ିକ ହୃଷ୍ଟ ପୃଷ୍ଟ ଓ ଓଜନିଆ ହୋଇଥାଏ । ଏଥିରୁ ଯେଉଁ ପାଳ ବା ନଡ଼ା ମିଳେ ତାହା ମଧ୍ୟ ଲମ୍ବା ଓ ଓଜନିଆ ହୋଇଥାଏ । ଏହି ପଦ୍ଧତିରେ ଜୈବିକ ସାର ଉପରେ ଗୁରୁତ୍ୱ ଦିଆଯାଇଥାଏ । ଶ୍ରୀ ପଣାଳୀରେ ଧାନ ତଳି ୧୦ ରୁ ୧୨ ଦିନର ହୋଇଥିବା ବେଳେ ଜମିରେ ରୁଆ ହୋଇଥାଏ । ପ୍ରତ୍ୟେକ ଗଛ ଓ ଧାଡ଼ିକୁ ଧାଡ଼ି ମଧ୍ୟରେ ୨୫ ବ ର୍ଗ ସେ.ମି. ବ୍ୟବଧାନ ରଖାଯାଉଥିବା ଯୋଗୁଁ ଗୋଟିଏ ଧାନ ଗଛ ତାର ପିଲ ବଢ଼ାଇବା ପାଇଁ ଯଥେଷ୍ଟ ଜାଗାପାଏ । ଜମିରେ ଅଳ୍ପ ପାଣି ରହିବା ଯୋଗୁଁ ବାୟୁ ଚଳାଚଳ ଆବଶ୍ୟକ ମାତ୍ରାରେ ହୋଇପାରେ । ଫଳରେ ଧାନଗଛକୁ ଯଥେଷ୍ଟ ବଳୁଆ ପିଲ ବାହାରିବାରେ ସାହାଯ୍ୟ କରିଥାଏ । ରାସାୟନିକ ସାର ବ୍ୟବହାର ନହେବା ଦ୍ୱାରା ଅଧିକ ସଂଖ୍ୟକ ଅଣୁଜୀବ ଜମିରେ ରହି ମାଟିରେ ଖାଦ୍ୟସାରର ପରିମାଣ ବୃଦ୍ଧି କରିଥାନ୍ତି । ଜୈବିକ ସାରର ପ୍ରୟୋଗ କରିବା ଦ୍ୱାରା ରୋଗ ପୋକର ସମ୍ଭାବନା କମ୍ ଥାଏ । ଘାସ ବଛା ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ଜମିର ଅନାବନା ଘାସସବୁ ନଷ୍ଟ ହୋଇ ଧାନଗଛକୁ ସବୁଜ ସାର ଯୋଗାଇଥାନ୍ତି । **"ଶ୍ରୀ" ଚାଷ ପ୍ରଣାଳୀ:** ଶ୍ରୀ ପ୍ରଣାଳୀର ଧାନଚାଷ ମୁଖ୍ୟତଃ ୬ ଗୋଟି ସିଦ୍ଧାନ୍ତ ଉପରେ ପର୍ଯ୍ୟବେଶିତ, ଏଗୁଡ଼ିକ ହେଲା- ୧. କମ୍ ବିହନର ବ୍ୟବହାର ୨. ଅଳ୍ପ ବୟସର ଛୋଟ ତଳି ରୁଆ (୧୦ରୁ ୧୨ ଦିନର ତଳି) ୩. ଅଧିକ ଦୂରତାରେ ରୁଆ (ଦୂରତା ୧୦"×୧୦") ୪. କମ୍ ପାଣିର ଆବଶ୍ୟକ ୫. ଯନ୍ତ୍ର ସାହାଯ୍ୟରେ ଘାସ ନିୟନ୍ତ୍ରଣ ୬. ଜୈବିକ ପ୍ରଣାଳୀରେ ଚାଷ ଏହି ପ୍ରଣାଳୀରେ ଧାନ ଚାଷ ନିମ୍ନଲିଖିତ ଉପାୟରେ କରାଯିବ । **ଶ୍ରୀ ପାଇଁ ଉପଯୁକ୍ତ ଜମି:** ଯେଉଁ ଜମିରେ ଶ୍ରୀ ପ୍ରଣାଳୀରେ ଧାନ ଚାଷ କରିବେ ସେଥିରେ ଜଳ ସେଚନ ଓ ଜଳ ନିଷ୍କାସନର ସୁବିଧା ଥିବା ଦରକାର । ସମତଳ ଜମି, ଦୋରସା ବାଲି ଓ ଦୋରସା ମାଟି ଶ୍ରୀ ପ୍ରଣାଳୀ ଚାଷ ପାଇଁ ଅତି ଉପଯୁକ୍ତ । କିନ୍ତୁ ଅନ୍ୟ କିସମ ଜମିରେ ମଧ୍ୟ ସଫଳ ଭାବେ ଚାଷ କରାଯାଇପାରିବ ।

	ବିହନ ଚୟନ: ଶ୍ରୀ ପ୍ରଣାଳୀରେ ପ୍ରତି ବର୍ଗ ମିଟରରେ ୧୬ଟି ହିସାବରେ ଏକର ପ୍ରତି ୬୪ ହଜାର ଗଛ ଅର୍ଥାତ ୬୪ ହଜାରଟି ବିହନ ଦରକାର ହୋଇଥାଏ । ସାଧାରଣତଃ ୧୦୦୦ଟି ଧାନର ଓଜନ ୨୦ରୁ ୩୦ ଗ୍ରାମ ହୁଏ । ଏଣୁ ଏକର ପ୍ରତି ୨ କିଲୋରୁ ୨.୫ କିଲୋ ବିହନ ହେଲେ ଯଥେଷ୍ଟ ହେବ । **ବିହନ ଉପଚାର:** ଧାନ ବିହନକୁ ପ୍ରଥମେ ପାଣିରେ ଭିଜାଇ ଉପରେ ଭାସୁଥିବା ଅଗାଡ଼ିକୁ ଅଲଗା କରିଦିଅନ୍ତୁ । ଏହି ପାଣିରେ କିଛି ଦେଶୀ ଗାଈ ମୂତ୍ର ମିଶାଇ ଧାନ ବିହନକୁ ୭ ରୁ ୮ ଘଣ୍ଟା ଭିଜାଇବେ ଏବଂ ପରେ ୪ ରୁ ୫ ଘଣ୍ଟା ଛାଇରେ ଶୁଖାଇଦେବେ । ଏହାପରେ ଏହାକୁ ଶୁଖିଲା ବୁଣା କିମ୍ବା ଗଜା ବୁଣା କରି ତଳି ପକାଇ ପାରିବେ ।
ଭୂମି ପ୍ରସ୍ତୁତି, ସବୁଜ ଖତ ବ୍ୟବହାର, ତଳି (ଚାରା) ତିଆରି କରିବା, ତଳି ରୋପଣ, ଅନ୍ତଃ-ଫସଲ, ବାଲୁଙ୍ଗା ପରିଚାଳନା ଓ ବାଲୁଙ୍ଗା ସଫା କରିବା, ଫସଲ ସୁରକ୍ଷା, ଅମଳ ଅଟକଳ କରିବା/ଜଳ ପରିଚାଳନା ଧାର୍ଯ୍ୟ କରିବା	**ମୁଖ୍ୟ ଜମି ପ୍ରସ୍ତୁତି:** ଯେପରି ସାଧାରଣ ପଦ୍ଧତିରେ ତଳି ରୁଆ ପାଇଁ ଜମି ପ୍ରସ୍ତୁତି କରାଯାଏ, ସେହିପରି କାଦୁଅ କରିବେ । ତଳି ପଟାଳି ପରି ମୁଖ୍ୟ ଜମିରେ ମଧ ପଟାଳି ତିଆରି କରାଯାଇ ତା ଉପରେ ରୁଆଯିବ । ପ୍ରତି ପଟାଳିର ଓସାର ୨ ମିଟର ରଖି, ପ୍ରତି ପଟାଳିର ଚାରିପାଖରେ ଏକ ଫୁଟ ଚଉଡ଼ାର ପାଣି ନାଳ ରଖିବେ ଯେପରି ଜଳ ସେଚନ ଓ ଜଳ ନିଷ୍କାସନର ସୁବିଧା ହେବ । ଜମିର ଆକାର ଅନୁସାରେ ପଟାଳିର ଲମ୍ବ ରଖିପାରିବେ । ଏହି ପଟାଳିରେ ସୂଚକ ଯନ୍ତ୍ର ସାହାଯ୍ୟରେ ୮ଧାଡ଼ିର ୧୦ଇଞ୍ଚି ବ୍ୟବଧାନର ବର୍ଗକ୍ଷେତ୍ର ତିଆରି କରିବେ । **ତଳିଘେରା ପ୍ରସ୍ତୁତ:** ଶୁଖିଲା ଥିବାବେଳେ ଜମିକୁ ଚାଷ କରି ମାଟି ଗୁଣ୍ଡକରି କିମ୍ବା କାଦୁଅ ଥିବାବେଳେ ଜମିକୁ ଚାଷ କରି ତଳି ଘେରା ପ୍ରସ୍ତୁତ କରିପାରିବେ । ଏକ ଏକର ଜମି ପାଇଁ ୨ ହାତ ଓସାର ଏବଂ ୨୦ ହାତ ଲମ୍ବ ଓ ୪ଇଞ୍ଚି ଉଚ୍ଚତା ବିଶିଷ୍ଟ ୪ଟି ପଟାଳି ଆବଶ୍ୟକ । ଗୋଟିଏ ପଟାଳିରେ ପାଖାପାଖି ୫୦୦ ଗ୍ରାମ ଧାନ ପଡ଼ିବ । ବିହନ ବୁଣି ସାରିବା ପରେ ତଳି ପଟି ଉପରେ ପ୍ରାୟ ଅଧା ଇଞ୍ଚି ବହଳର ଗୁଣ୍ଡ ଖତ ବା ବଡ଼ ଗଛମୂଳର ଗୁଣ୍ଡମାଟି ପକାଇବେ । ତଳି ପଟାଳିକୁ ଆଦୌ ଶୁଖିବାକୁ ଦେବେ ନାହିଁ ବର୍ଷା ନହେଲେ ଝରା ସାହାଯ୍ୟରେ ଜଳ ସିଞ୍ଚନ କରିବେ । **ତଳି ରୁଆ / ରୋପଣ:** ତଳି ପଟାଳିରୁ ୧୦ ରୁ ୧୨ ଦିନ କିମ୍ବା ୨ ଇଞ୍ଚି ଉଚ୍ଚତାର ତଳିଗୁଡ଼ିକୁ ସାବଧାନତା ସହକାରେ ମାଟି ସହିତ ଗୋଟିଏ ଟିଣ ବା କୁଡ଼କି ସାହାଯ୍ୟରେ ନେବେ । ତଳି ନେବାବେଳେ ଯେପରି ଚେର ସହିତ ଧାନ ଲାଗି ରହିଥିବ । ଏହି ତଳିକୁ ୧୫ ମିନିଟରୁ ଅଧଘଣ୍ଟା ମଧ୍ୟରେ ରୋଇବା ଉଚିତ । ତଳିକୁ ବୁଢ଼ା ଓ ବିଶି ଆଙ୍ଗୁଠି ଟିପରେ ମାଟି ଉପରେ ଗୋଟିଏ ଗୋଟିଏ କରି ତଳି ରଖିଦେବେ ଯେପରି ଚେର ଓ ଗଛ ଇଂରାଜୀ ଅକ୍ଷର ଏଲ (L) ପରି ରହିବ । ଆଦୌ ଗଭୀରରେ ରୋଇବେ ନାହିଁ । ଯେତିକି ତଳି ରୋଇପାରିବେ ସେତିକି ତଳିକୁ ତଳି ଘରାରୁ ବାହାର କରିବେ । **ଘାସ ବା ବାଲୁଂଗା ବଛା:** ଶ୍ରୀ ପ୍ରଣାଳୀ ଧାନ ଚାଷର ଘାସ ଥାଉ ବା ନଥାଉ ଯନ୍ତ୍ର ଚଳାଇ ଘାସ ବାଛିବା ନିହାତି ଜରୁରୀ । ଧାନ ରୁଆରେ ୧୦, ୨୦, ୩୦ ଓ ୪୦ ଦିନରେ ଏହିପରି ୪ ଥର ଘାସ ବଛାଯାଏ । ଏହାର ମୁଖ୍ୟ କାରଣ ହେଲା ଘାସ ନଷ୍ଟ ହେବା ସହିତ ଜମିରେ ବାୟୁ ଚଳାଚଳ ଭଲ ହୁଏ । ଚେର ଭଲ ବଢେ ଓ ସତେଜ ରହେ । ମାଟିରେ ଥିବା ଅଣୁଜୀବମାନେ ଯଥେଷ୍ଟ ଅମ୍ଳଜାନ ପାଆନ୍ତି ଓ ଗଛ ପାଇଁ ଖାଦ୍ୟ ପ୍ରସ୍ତୁତ କରନ୍ତି । ଗଛ ଯଥେଷ୍ଟ ଖାଦ୍ୟ ପାଇଲେ ଫଳନ୍ତି ପିଲ ସଂଖ୍ୟା ବଢେ, ଅମଳ ବେଶି ହୁଏ । ଗୋଟିଏ ଗୋଟିଏ ଗଛରେ ହାରାହାରି ୨୦-୫୦ରୁ ଉର୍ଦ୍ଧ୍ୱ ପିଲ ବାହାରେ । ଘାସ ବଛା ଯନ୍ତ୍ର ସାହାଯ୍ୟରେ ଦୁଇ ଜଣ ଲୋକ ଦିନକୁ ୮ ଘଣ୍ଟାରେ ଏକ ଏକର ଜମିରୁ ଘାସ ବାଛିପାରନ୍ତି । **ଜଳ ପରିଚାଳନା:** ଶ୍ରୀ ପ୍ରଣାଳୀରେ ଧାନ ଚେରଗୁଡ଼ିକ ଯେପରି ଧାନ ଫଳିବା ପର୍ଯ୍ୟନ୍ତ ସୁସ୍ଥ ଓ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବେ ସେଥିପାଇଁ ଯତ୍ନ ନିଆଯିବା ଦରକାର । ଶ୍ରୀ ପ୍ରଣାଳୀ ଧାନ ଚାଷରେ ଜମିରେ ଠିଆ ପାଣି ରଖାଯାଏ ନାହିଁ । ପିଲ ଦେବା ଅବସ୍ଥାରେ ଗଛ ମୂଳରେ ଠିଆ ପାଣି ରହିଲେ ଫଳନ୍ତି ପିଲ ସଂଖ୍ୟା କମିଯାଏ । ଏହି ସମୟ ମଧ୍ୟରେ ଜମି ଓଦା ରହିବ କିନ୍ତୁ ଠିଆ ପାଣି ରହିବନାହିଁ । ଧାନ ବିଲରେ

	ଅତ୍ୟଧିକ ପାଣି ରହିଲେ ଧାନ ଗଛର ଚେରଗୁଡ଼ିକ ପଚିଯାଇଥାଏ । କେବଳ ନିୟନ୍ତ୍ରିତ ଜଳସେଚନ ଦ୍ୱାରା ଧାନ ଗଛର ମୂଳକୁ ଓଦା ରଖାଯାଏ । ସମୟାନୁକ୍ରମେ ଧାନ ଜମିକୁ ଓଦା କରିବା ଓ ତାପରେ ତାକୁ ଶୁଖିବାକୁ ଛାଡ଼ିଦେବା ଫଳରେ ମାଟିରେ ବାୟୁ ଚଳାଚଳ ହୋଇ ଖାଦ୍ୟସାରର ଉତ୍ତମ ପରିଚାଳନା ହୋଇପାରିଥାଏ । ପ୍ରତ୍ୟେକ ଥର ଘାସ ବାଛିବା ପୂର୍ବରୁ ଜମିରେ ପାଣି ମଡ଼ାଇବା ଆବଶ୍ୟକ । ବର୍ଷାଜଳ ଉପରେ ନିର୍ଭର କରୁଥିଲେ ଜମି ମଧରେ ଥିବା ନାଳିଗୁଡ଼ିକ ମଧରେ ଠିଆ ପାଣି ରଖନ୍ତୁ । **ଖାଦ୍ୟ ପରିଚାଳନା:** ଶ୍ରୀ ପ୍ରଣାଳୀରେ ଜୈବିକ ଖତସାର, ଗୋବର, ଖତ, **କମ୍ପୋଷ୍ଟ**, ସବୁଜ ସାର, ଜୀବାମୃତ ଓ ଜିଆଖତ ବ୍ୟବହାର କରାଯାଇଥାଏ । ମନେରଖନ୍ତୁ ରାସାୟନିକ ସାର ବିଭିନ୍ନ ଫସଲ ପାଇଁ ଭିନ୍ନ ଭିନ୍ନ ହୋଇଥିବା ଓ ନିର୍ଦ୍ଦିଷ୍ଟ ସମୟରେ ଦିଆଯାଉଥିବା ବେଳେ ଜୈବିକ ଖତ ଯେକୌଣସି ଅବସ୍ଥାରେ ଦିଆଯାଇପାରିବ । କିଆରିରେ ଜୈବିକ ଖତ ପ୍ରୟୋଗ ପରେ ପରେ ଘାସବଛା ଯନ୍ତ୍ର ଚଳାଇଲେ ଏହା ମାଟିରେ ଭଲ ଭାବେ ମିଶିଯାଇ ଗଛକୁ ଖାଦ୍ୟ ଯୋଗାଇଥାଏ । **ରୋଗପୋକ ନିୟନ୍ତ୍ରଣ:** ଶ୍ରୀ ଧାନ ଚାଷ ପ୍ରଣାଳୀରେ ରୋଗପୋକ ଆକ୍ରମଣ କମ୍ ହୋଇଥାଏ । ଫଳରେ ରୋଗ ପୋକ ଦମନର ପ୍ରୟୋଜନ ହୋଇନଥାଏ । କିନ୍ତୁ ଫସଲଟିଏ ହେଲେ ରୋଗ ପୋକ ଲାଗିବାର ସମ୍ଭାବନା ଅଛି । ଏଣୁ ଏଥିପାଇଁ ଜୈବିକ ଉପାୟରେ ଆଗୁଆ ସତର୍କ ଉପାୟ ଅଛି । ଏଥିପାଇଁ ବିଭିନ୍ନ ହାଣ୍ଡି ଔଷଧ ଓ ଅମୃତ ପାଣିର ବ୍ୟବହାର କରାଯାଇ ପାରିବ ।
ଶ୍ରୀ ପ୍ରଣାଳୀ ଧାନକୁ ଅନ୍ୟାନ୍ୟ ଫସଲରେ ଲାଗୁ କରାଇବା – SCI- Systematic Crop Intensification	ଶ୍ରୀ ପ୍ରଣାଳୀ ବା ପଦ୍ଧତିକୁ ଅନ୍ୟାନ୍ୟ ଫସଲ ଯଥା; ମଣ୍ଡିଆ, କାନ୍ଦୁଲ, ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ଓ ଅଦା ଓ ହଳଦୀ ପ୍ରଭୃତି ଫସଲରେ ଉପଯୋଗ କରାଗଲେ ନିଶ୍ଚୟ ସୁଫଳ ମିଳିବ । ଏହାଦ୍ୱାରା ନିମ୍ନଲିଖିତ ଲାଭସବୁ ମିଳିଥାଏ : • ଫସଲର ଚେର ମଜବୁତ ହୋଇଥାଏ, • ବାୟୁ ଓ ଆଲୋକ ସୁବିଧାରେ ଚଳାଚଳ କରିଥାଏ, • ଅନାବନା ଘାସ ସଫା କରିବାରେ ସୁବିଧା ହୋଇଥାଏ, • ରୋଗପୋକ କମ୍ ହୋଇଥାଏ, • ଫସଲ ପରିଚାଳନା ସହଜ ହୋଇଥାଏ ଓ ଇତ୍ୟାଦି.....
ପ୍ରୟୋଗ- ଜୀବାମୃତ ଓ ହାଣ୍ଡି ଖତ ପ୍ରସ୍ତୁତି ଓ ଫସଲରେ ପ୍ରୟୋଗ କରିବା	**ବିଜାମୃତ ତିଆରି ପଦ୍ଧତି:** ଗୋଟିଏ ଚିରା କପଡ଼ା ଦ୍ୱାରା ଗୋବରକୁ ବାନ୍ଧି ୨୦ ଲିଟର ପାଣିକୁ ଗୋଟିଏ ବାଲ୍ଟିରେ ରଖି ଝୁଲାଇ ଦିଅନ୍ତୁ । ଯେପରି ଗୋବର ପୁଟୁଳାଟି ମାଟି ସହିତ ଲାଗି ରହିବ । ରାତ୍ର ତମାମ (୧୨ଘଣ୍ଟା) ରଖନ୍ତୁ । ସକାଳୁ ଏହାକୁ ଚିପୁଡ଼ି ବାହାର କରନ୍ତୁ । ଏକ ଲିଟର ପାଣିରେ ଚୂନକୁ ଗୋଳାଇ ରାତିରେ ରଖନ୍ତୁ । ଏହାପରେ ଗୋବର ପାଣି, ଚୂନପାଣି ଓ ମାଟି ମିଶାନ୍ତୁ । ଏହାପରେ ୫ ଲିଟର ଗାଈମୂତ୍ର ଧିରେ ଧିରେ ଗୋଳାନ୍ତୁ ଓ ଚୂନପାଣି ଶେଷରେ ମିଶାନ୍ତୁ । ବୀଜାମୃତ ତିଆରି ହୋଇଗଲା । ବିହନକୁ ପ୍ରଥମେ ପାଣିରେ ପକାଇ ସମସ୍ତ ଫମ୍ପା, ପୋକା ବିହନ ବିଶୋଧନ କରିବାକୁ ଛାଡୁଛନ୍ତି ତେବେ ବିଜାମୃତରେ ବିହନଗୁଡ଼ିକୁ କିଛି ସମୟ ପକାଇ ବାହାର କରନ୍ତୁ । ପାଣି ନିଗିଡ଼ି ଗଲେ ଲଗାନ୍ତୁ । ଧାନ, ଟମାଟୋ, ବାଇଗଣ, ପିଆଜ, ଫୁଲଚାରା, କୋବି, ଲଙ୍କା ଇତ୍ୟାଦି ଚାରା ଲଗାଇବା ପୂର୍ବରୁ ଚାରାଗୁଡ଼ିକୁ ବିଜାମୃତରେ ବୁଡ଼ାଇ ୧୦ ମିନିଟ୍ ପରେ ବାହାର କରିଦିଅନ୍ତୁ । କୌଣସି ଡାଲି ଜାତୀୟ ବିହନ ତଥା ମୁଗ, ବିରି, କୋଳଥ, ହରଡ଼, ବିନ୍, ଚିନାବାଦାମକୁ ବିଶୋଧନ କରିବା ପାଇଁ ବିହନଗୁଡ଼ିକୁ ବିଜାମୃତରେ ବୁଡ଼ାନ୍ତୁ ଓ ୧-୨ ମିନିଟ୍ ରଖି ବାହାର କରି ପାଣି ନିଗିଡ଼ି ଗଲେ ବୁଣନ୍ତୁ । ହାତରେ ଧରି ବିହନକୁ ଘସିବେ ନାହିଁ । ଘସିଲେ ଚୋପାଛାଡ଼ି ବିହନ ନଷ୍ଟ ହୋଇଯିବ । **ହାଣ୍ଡିଖତ:** ଗୋଟିଏ ମାଟିହାଣ୍ଡିରେ ୧ କେ.ଜି ଗାଈ ଗୋବର, ୨ ଲିଟର ଗାଈମୂତ ଏବଂ ୫୦ ଗ୍ରାମ ଦେଶୀ ଗୁଡ଼କୁ ଭଲ ଭାବେ ମିଶାଇବେ । ନିମ୍ବପତ୍ର, କରଞ୍ଜ ପତ୍ର ଏବଂ ଅରଖ ପତ୍ର (ପ୍ରତ୍ୟେକ ପତ୍ରରୁ ଆନୁମାନିକ ଏକ କିଲୋ ଲେଖାଏଁ)କୁ ଛେଚି ଏହି ମିଶ୍ରଣରେ ମିଶାଇଦେଇ ହାଣ୍ଡିକୁ ଛାଇ ଯାଗାରେ ୭ରୁ ୧୦ ଦିନ

	ପର୍ଯ୍ୟନ୍ତ ରଖିବେ ଯେପରି ସେଥିରେ ଖରା ପଡ଼ିବ ନାହିଁ । ଏହାପରେ ହାଣ୍ଡିରୁ ରସକୁ ନିଗାଡ଼ି ବାହାର କରିଦେବେ । ବର୍ତ୍ତମାନ ହାଣ୍ଡିଖତ ତିଆରି ହୋଇଗଲା ।
ଅନ୍ୟାନ୍ୟ ଦୀର୍ଘସ୍ଥାୟୀ କୃଷି ଅଭ୍ୟାସସମୂହ	**ନିମ୍ନଲିଖିତ** କୃଷି ଅଭ୍ୟାସସମୂହ ସାଧାରଣତଃ ଦୀର୍ଘସ୍ଥାୟୀ ଅଟେ । • ଖରାଟିଆ ବା ଖରଡି ଚାଷ କରିବା • ଅମଳତ୍ୱ କମାଇବା ପାଇଁ ମାଟି ପରୀକ୍ଷା ଓ ମାଟି ବିଶୋଧନ କରିବା • କାଗଜ କଳ ମଇଳା ବା ଚୂନ ବ୍ୟବହାର କରି ବିହନ ବିଶୋଧନ କରିବା • ତଳି ବିଶୋଧନ କରିବା • **ଛାଦନ-** ଜମିର ଉପର ମାଟିକୁ ଘାସ, କୁଟା, କାଗଜ, ପାଉଁଶ, ତାଳପତ୍ର, କରଡା ଇତ୍ୟାଦି ଯେ କୌଣସି ପଦାର୍ଥ ଦ୍ୱାରା ଘୋଡାଇ ରଖିବା • ଜମିର ହୁଡାରେ ଫସଲ ଲଗାଇବା • ଟ୍ରାପ ଫସଲ ଲଗାଇବା ଯାହା ଫଳରେ ପୋକଜୋକ ମୁଖ୍ୟ ଫସଲକୁ ଯିବେ ନାହିଁ • ଆଲୋକ ଯନ୍ତା ଲଗାଇବା ଓ ତା' ତଳେ ପାଣି ପାତ୍ର ରଖିଲେ, ପୋକ ମୁଖ୍ୟ ଫସଲକୁ ନଯାଇ, ସେଥିରେ ପଡି ମରିଯିବେ • ପକ୍ଷୀ ବସିବା ପାଇଁ ଡାଳ ବା ରଞ୍ଜା ପୋତିବା • ଲତା ଜାତୀୟ ଫସଲ ପାଇଁ ରଞ୍ଜା ପୋତିବା ବା ଛାମୁଣ୍ଡିଆ ବାନ୍ଧିବା • ଅନ୍ତଃ ଫସଲ କରିବା • ବିହନ ସଂରକ୍ଷଣ କରିବା • ନିଜ ବିହନ ନିଜେ ସାଇତିକରି ରଖିବା
ସମୀକ୍ଷା ଓ ତାଲିମ ପରିସମାପ୍ତି	ତାଲିମଦାତା ନିମ୍ନଲିଖିତ ପ୍ରଶ୍ନସବୁ ପଚାରିବେ: • ଏହି ତାଲିମରେ ଅଂଶଗ୍ରହଣ କଲାପରେ, ତାଙ୍କର ଥିବା ଜ୍ଞାନ ଓ କୌଶଳରେ କିଛି ପରିବର୍ତ୍ତନ ବା ବୃଦ୍ଧି ଘଟିଛି କି ? • ଶ୍ରୀ ପ୍ରଣାଳୀ ଧାନ ଚାଷରେ ସମନ୍ୱିତ ରୋଗପୋକ ପରିଚାଳନା ନୀତି କଥା ବୁଝି ପାରିଲେ କି? • ସେମାନେ ଏହି ତାଲିମରୁ ଫସଲ ପରିଚାଳନା ସମ୍ବନ୍ଧରେ ଆଉ କ'ଣସବୁ ଶିଖିଲେ? • ସେମାନେ ଶିଖିଥିବା ଜ୍ଞାନ ଓ କୌଶଳକୁ ତାଙ୍କର ଶ୍ରୀ ପ୍ରଣାଳୀ ଧାନ ଚାଷରେ କିପରି ଭାବେ ପ୍ରୟୋଗ କରିବେ?



୯. ଶିକ୍ଷାର୍ଥୀଙ୍କ ପାଇଁ କାମ:

ଶିକ୍ଷାର୍ଥୀ ବା ମହିଳା ଚାଷୀମାନଙ୍କୁ କୁହାଯିବ ଯେ, ଏହି ବର୍ଷ ଏକ କିଆରୀ ଜମିରେ ଶ୍ରୀ ପ୍ରଣାଳୀରେ ଧାନ ଚାଷ କରି ଏଥିରେ ସମନ୍ୱିତ ରୋଗପୋକ ପରିଚାଳନା ନୀତି ପ୍ରୟୋଗକରି ଉପଯୁକ୍ତ ଓ ସ୍ୱଳ୍ପ ଖର୍ଚ୍ଚରେ ସମନ୍ୱିତ ରୋଗପୋକ ପରିଚାଳନା କୌଶଳସବୁ ଲାଗୁ କରାଇବେ ଏବଂ ନିକଟସ୍ଥ ଶ୍ରୀ ପ୍ରଣାଳୀ ଧାନ କୃଷିବିତଙ୍କ ସହ ଯୋଗାଯୋଗ ରକ୍ଷା କରିବେ ।

Few Photographs of the Training & Project Activities under the Project:
Empowering Women Vegetable Growers in Kalahandi, Malkangiri & Khordha Districts of Odisha